ରିପୋର୍ଟଯୋଗ୍ୟ

ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ

ସିଭିଲ୍ ଆବେଦନ ଅଧିକାର
ସିଭିଲ୍ ଅପିଲ୍ ନଂ – ୩୨୪୦/୨୦୧୧

ପ୍ରଭାକର ମଲ୍ଲିକ ଏବଂ ଅନ୍ୟ..... ଆପିଲ୍‌କାରୀ

ବନାମ

ଓଡ଼ିଶା ରାଜ୍ୟ ସରକାର ଏବଂ ଓଗେର୍..... ପ୍ରତିବାଦୀ/ଉତ୍ତରଦାତା

ସିଭିଲ୍ ଅପିଲ୍ ନଂ – ୪୪୨୧/୨୦୧୧ ସହିତ

ରାୟ୍

ଆର୍. ସୁଭାଷ ରେଡ୍ଡି, ବିଚାରପତି

ସିଭିଲ୍ ଅପିଲ୍ ନଂ – ୩୨୪୦/୨୦୧୧

୧- ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକରେ ଡବ୍ଲ୍ୟୁ.ପି.(ସି) ନଂ ୬୭୮୧/୨୦୧୮ ରେ ଦିଆଯାଇଥିବା ତା୨୪.୧୨.୨୦୧୦ରିଖର ଆଦେଶ ଏବଂ ଅନ୍ତିମ ରାୟ୍ ଦ୍ୱାରା ପୀଡ଼ିତ/ଅସନ୍ତୁଷ୍ଟ/ବ୍ୟଥିତ ହୋଇ ଏହି ଅପିଲ୍ ଦାୟର କରାଯାଇଛି । ଉପରୋକ୍ତ ଆଦେଶ ବଳରେ, ଏଠାରେ ପ୍ରତିବାଦୀ ନଂ ୪ ରୁ ୮ ଦ୍ୱାରା ଦାୟର ହୋଇଥିବା ମାମଲା ସରକାରଙ୍କର ତା୨୦.୦୩.୨୦୦୨ରିଖର ବିଚାର/ନିର୍ଦ୍ଧାରଣ ଏବଂ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲଙ୍କ ଦ୍ୱାରା ଓ.ଏ. ନଂ ୯୦୪(ସି)/୨୦୦୮ରେ ଦିଆଯାଇଥିବା ତା୧୭.୦୪.୨୦୦୮ରିଖର ଆଦେଶକୁ ଖାରଜ କରି ଗୃହୀତ କରାଯାଇଛି ଏବଂ ଓଡ଼ିଶା

ପ୍ରଶାସନିକ ସେବା, ଶ୍ରେଣୀ-୧ (ଜୁନିୟର (କନିଷ୍ଠ) ଶାଖା)ର ତା୦୩.୦୩.୨୦୦୮ରିଖର ପରିମାଣମୂଳକ ଅନୁକ୍ରମିକ ତାଲିକା (ବରିଷ୍ଠତା ଅନୁଯାୟୀ)କୁ ରଦ୍ଦ କରାଯାଉଛି ।

୨- ଭାରତ ସରକାର ବ୍ୟକ୍ତିଗତ ମନ୍ତ୍ରଣାଳୟ, ସର୍ବସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ଦ୍ୱାରା ତା୨୧.୦୧.୨୦୦୨ରିଖର ସରକାରୀ (କାର୍ଯ୍ୟାଳୟ) ସ୍ମାରକପତ୍ରରେ ଦିଆଯାଇଥିବା ଆଦେଶ ଅନୁସାରେ ଓଡ଼ିଶା ରାଜ୍ୟ ସରକାର ତା୨୦.୦୩.୨୦୦୨ରିଖରେ ଏକ ସଂକଳ୍ପ/ପ୍ରସ୍ତାବ ପାରିତ କରିଛନ୍ତି । ଉପରୋକ୍ତ ନିର୍ଦ୍ଧାରଣ ଅନୁସାରେ ପୂର୍ବରୁ ଦିଆଯାଇଥିବା ଆଦେଶକୁ ପ୍ରତ୍ୟାହାର କରିବା ସହିତ, ସଂରକ୍ଷଣ ନିୟମାନୁସାରେ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି (ଏସ୍.ସି/ଏସ୍.ଟି) ସରକାରୀ କର୍ମଚାରୀମାନଙ୍କର ବରିଷ୍ଠତା ସ୍ଥିର କରିବା ପାଇଁ, ରାଜ୍ୟ ସରକାର କିଛି ନିର୍ଦ୍ଦେଶ ଜାରି କରିଛନ୍ତି ଏହି ସର୍ତ୍ତରେ ଯେ ତା୦୨.୧୧.୨୦୦୦ରିଖର ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଧାରଣ (ଜେନେରାଲ୍ ଆଡ୍‌ମିନିଷ୍ଟ୍ରେସନ୍ ଡ଼ିପାର୍ଟମେଣ୍ଟ୍ ରେଜୋଲ୍ୟୁସନ୍) ନଂ୩୯୩୭୪ରେ ଗୃହୀତ "କ୍ୟାଚ୍ ଅପ୍ ପ୍ରିନ୍‌ସିପ୍‌ଲ୍" ଆଉ ଅନୁସରଣ କରାଯିବ ନାହିଁ । ଏଥିସହ ଆହୁରି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ପଦୋନ୍ନତି କ୍ଷେତ୍ରରେ ଅନୁସୂଚିତ ବର୍ଗର ସରକାରୀ କର୍ମଚାରୀମାନଙ୍କ ବରିଷ୍ଠତା(ଏସ୍.ସି/ଏସ୍.ଟି ଗଭର୍ଣ୍ଣମେଣ୍ଟ୍ ସରଭ୍ୟାଣ୍ଟ୍‌ସ୍) ସଂରକ୍ଷଣ ନିୟମ ଅନୁଯାୟୀ ବଜାୟ ରହିବ । ଉକ୍ତ ଜି.ଓ. ରେ ଆହୁରି ସ୍ପଷ୍ଟ କରାଯାଇଛି ଯେ ସଂରକ୍ଷଣ ନିୟମାନୁସାରେ ପଦୋନ୍ନତି ପାଇଥିବା ଅନୁସୂଚିତ ଜାତିବର୍ଗର କର୍ମଚାରୀମାନଙ୍କ ଠାରୁ ତାଙ୍କ ପରେ ପଦୋନ୍ନତି ପାଇଥିବା ସାଧାରଣବର୍ଗ/ପଛୁଆବର୍ଗର ସରକାରୀ କର୍ମଚାରୀମାନେ କନିଷ୍ଠ(ଜୁନିୟର) ରହିବେ ।

୩- ଉଚ୍ଚ ନ୍ୟାୟାଳୟ ଏହି ପରିପ୍ରେକ୍ଷୀରେ ଉପରୋକ୍ତ ଲିଖିତ ଆବେଦନ ଓ ତା ସହ ସଂଲଗ୍ନ ଲିଖିତ ଆବେଦନକୁ ଅନୁମତି ପ୍ରଦାନ କରିଛନ୍ତି ଏବଂ ଉପରୋକ୍ତ ଜି.ଓ. ଓ ଅନୁକ୍ରମ ତାଲିକା (ଗ୍ରେଡ଼େସନ୍ ଲିଷ୍ଟ)କୁ ଖଣ୍ଡନ/ରଦ୍ଦ କରିଛନ୍ତି ଯେ ଏସ୍.ସି/ଏସ୍.ଟି ପ୍ରାର୍ଥୀ ମାନଙ୍କୁ ପରିମାଣମୂଳକ ବରିଷ୍ଠତା ସହ ପଦୋନ୍ନତିର ଲାଭ ପ୍ରଦାନ ନିମନ୍ତେ ଯେ ପର୍ଯ୍ୟନ୍ତ ରାଜ୍ୟ ସରକାର ଏକ ଆଇନ୍/ନିୟମ ପ୍ରସ୍ତୁତ ନ କରିଛନ୍ତି, ସେ ପର୍ଯ୍ୟନ୍ତ ସେମାନେ ସାଧାରଣ ବର୍ଗର ପ୍ରାର୍ଥୀ ମାନଙ୍କ ଉପରେ ପଦୋନ୍ନତି କ୍ଷେତ୍ରରେ ବରିଷ୍ଠତା ଦାବି କରିବା ନିମନ୍ତେ ଉପଯୁକ୍ତ ନୁହଁନ୍ତି । ଏମ୍.ନାଗରାଜ ଏବଂ ଓଗେର ବନାମ କେନ୍ଦ୍ର

ସରକାର ଏବଂ ଓଗେର୍ ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ରାୟ ଅନୁସାରେ ଏହି ଆବେଦନକୁ ଗୃହୀତ କରାଯାଉଛି ।

୪- ଓଡ଼ିଶା ଜନସେବା ଆୟୋଗ (ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ୍) ଦ୍ୱାରା କରାଯାଇଥିବା ଚୟନ ଅନୁଯାୟୀ ଉତ୍ତରଦାତା ଆବେଦନକାରୀମାନଙ୍କୁ ଓଡ଼ିଶା ପ୍ରଶାସନିକ ସେବା-୨(ଓ.ଏ.ସ୍-୧୧) ପଦରେ ନିଯୁକ୍ତ କରାଯାଇଥିଲା । ସେମାନଙ୍କୁ ୧୯୮୩, ୧୯୮୪ ଏବଂ ୧୯୮୭ ମସିହାରେ ନିଯୁକ୍ତି ଦିଆଯାଇଥିଲା । ନିଜ ନିଜର ଦଳ (ବ୍ୟାଚ୍) ମଧ୍ୟରେ ସେମାନଙ୍କୁ ଓଡ଼ିଶା ଲୋକ/ଜନସେବା ଆୟୋଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମେଧା/ଯୋଗ୍ୟତା ତାଲିକା ଅନୁସାରେ ବିଭିନ୍ନ ପାହ୍ୟା/ସ୍ତର ରେ ନିୟୋଜିତ କରାଯାଇଥିଲା । ଉକ୍ତ ମେଧା/ଯୋଗ୍ୟତା ତାଲିକାରେ, ଅନୁସୂଚିତ ବର୍ଗର(ଏସ୍.ସି/ଏସ୍.ଟି) ବ୍ୟକ୍ତିମାନେ ସଂରକ୍ଷଣ ଆଧାରରେ ଏହି ଆବେଦନକାରୀ ମାନଙ୍କର ନିମ୍ନ ପାହ୍ୟାରେ ନିଯୁକ୍ତ କରାଯାଇଥିଲେ । ଏଣୁ, ବର୍ତ୍ତମାନର ଆବେଦନକାରୀମାନେ ଏସ୍.ସି/ଏସ୍.ଟି ବର୍ଗର ନିଯୁକ୍ତ କର୍ମଚାରୀମାନଙ୍କ ଠାରୁ ବରିଷ୍ଠ ଥିଲେ । ସରକାରଙ୍କ ତା୨୬.୦୮.୨୦୦୦ ବିଜ୍ଞପ୍ତି ଅନୁସାରେ ଉତ୍ତରଦାତା ଆବେଦନକାରୀମାନେ ପରବର୍ତ୍ତୀ ଉଚ୍ଚତର ବର୍ଗ ଯଥା ଓଡ଼ିଶା ପ୍ରଶାସନିକ ସେବା-୧ (ଓ.ଏ.ସ୍-୧)(ଜେ.ବି)ରେ ପରବର୍ତ୍ତୀ କାଳରେ ପଦୋନ୍ନତ ଏବଂ ନିଯୁକ୍ତ ହେଲେ । ଆବେଦନକାରୀଗଣ ଏବଂ କିଛି ଅନୁସୂଚିତବର୍ଗ (ଏସ୍.ସି/ଏସ୍.ଟି) ର ବ୍ୟକ୍ତି ପରବର୍ତ୍ତୀ ଦଳ (ବ୍ୟାଚ) ରେ ଉତ୍ତରଦାତା-ଆବେଦନକାରୀମାନଙ୍କ ସହ ନିଯୁକ୍ତ ହୋଇଥିଲେ, ଯାହାକୁ ଓଡ଼ିଶା ଖାଲି/ଶୂନ୍ୟପଦବୀ ଏବଂ ସେବା ତଫସିଲ୍ଭୁକ୍ତ ଜାତି ଏବଂ ଉପଜାତି (ଏସ୍.ସି/ଏସ୍.ଟି ଙ୍କ ନିମନ୍ତେ) ସଂରକ୍ଷଣ ଅଧିନିୟମ, ୧୯୭୫ ଏବଂ ସେଥିରେ ପ୍ରଦତ୍ତ ନିୟମାବଳୀ ଅନୁସାରେ ୧୯୯୫ ଓ ୨୦୦୦ ମସିହାରେ ସଂରକ୍ଷିତ ପଦବୀ ନିମନ୍ତେ ଓ.ଏ.ସ୍-୧ (ଜେ.ବି.) ପାହ୍ୟାକୁ ପଦୋନ୍ନତି କରାଯାଇଥିଲା । ଲୋକସେବା ଆୟୋଗ ଦ୍ୱାରା ଉତ୍ତରଦାତା-ଆବେଦନକାରୀମାନଙ୍କ ସହ ଉଭୟ ସଂରକ୍ଷିତ ଏବଂ ଅସଂରକ୍ଷିତ ବର୍ଗର ବରିଷ୍ଠତା ଚୂଡ଼ାନ୍ତ ନିର୍ଣ୍ଣୟ କରାଯାଇ ନଥିଲା କାରଣ ବରିଷ୍ଠତା ନିର୍ଣ୍ଣୟ କରିବା ନୀତି ସ୍ଥିର କରିବା ନେଇ ହିଁ ବିଭିନ୍ନ ବିବାଦର ପ୍ରସଙ୍ଗ ସୃଷ୍ଟି ହୋଇଥିଲା । କେନ୍ଦ୍ର ସରକାର ଏବଂ ଓଗେର ବନାମ ବାରପାଲ ସିଂ ଚୌହାନ୍ ଏବଂ ଓଗେର ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ ରାୟ ଅନୁସାରେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା

ପ୍ରସ୍ତୁତ ଓ.ଏ.ସ୍-୨ ର ପାହ୍ୟାରେ ମୂଳ ବରିଷ୍ଠତା ପଦରେ କୌଣସି ପରିବର୍ତ୍ତନ ନ କରି ଏହାକୁ ବଜାୟ ରଖାଯାଇଛି । ପରବର୍ତ୍ତୀ ବର୍ଷଗୁଡ଼ିକରେ ପଦୋନ୍ନତି ପାଇବା ସତ୍ତ୍ୱେ, ଉତ୍ତରଦାତା-ଆବେଦନକାରୀମାନଙ୍କର ଓ ଅନୁସୂଚିତ ଜାତି/ଜନଜାତି(ଏସ୍.ସି/ଏସ୍.ଟି) ରୋଷ୍ଟର୍ ପଏଣ୍ଟ୍ ପଦୋନ୍ନୀତକାରୀମାନଙ୍କର ନିର୍ବିଶେଷରେ ବରିଷ୍ଠତାକୁ ବଜାୟ ରଖି ଓ.ଏ.ସ୍-୧ ପାହ୍ୟାରେ ପ୍ରସ୍ତୁତ କରାଯାଇଥିବା ତା୧୬.୦୫.୨୦୦୧ରିଖ ବରିଷ୍ଠତା ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ୮୫ତମ ସଂଶୋଧନ ମାଧ୍ୟମରେ ଭାରତର ସମ୍ବିଧାନର ଧାରା ୧୬(୪କ) କୁ ସଂଶୋଧିତ କରାଯିବା ଫଳରେ ଏସ୍.ସି/ଏସ୍.ଟି ଗୋଷ୍ଠୀର ସଂରକ୍ଷିତ ବର୍ଗର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ପରିମାଣସ୍ୱରୂପ ବରିଷ୍ଠତା ପ୍ରଦାନ ସହ ପଦୋନ୍ନତି ଦେବା ପାଇଁ ରାଜ୍ୟ ସକ୍ଷମ ହେଲା । ସମ୍ବିଧାନର (୮୫ତମ) ସଂଶୋଧନ ଧାରା, ୨୦୦୧ ବଳରେ, ଧାରା ୧୬ (୪କ) କୁ ପରିବର୍ତ୍ତିତ କରାଯାଇଥିଲା ଏବଂ "ଯେକୌଣସି ବର୍ଗର ପଦୋନ୍ନତି ପ୍ରସଙ୍ଗରେ" ଶବ୍ଦାବଳୀ ପରିବର୍ତ୍ତେ ସେ ସ୍ଥାନରେ "ଯେକୌଣସି ବର୍ଗର ବ୍ୟକ୍ତିଙ୍କୁ ପଦୋନ୍ନତି କ୍ଷେତ୍ରରେ ଉପଯୁକ୍ତ ପରିଣାମ ସ୍ୱରୂପ ବରିଷ୍ଠତାର ସହ ପଦୋନ୍ନତି" ଶବ୍ଦାବଳୀର ପ୍ରୟୋଗ କରାଗଲା । ଏମ୍ ନାଗରାଜ[୧] ମାମଲାରେ ଏହି ନ୍ୟାୟାଳୟର ଏକ ରାୟରେ, ଏହି ନ୍ୟାୟାଳୟର ଏକ ସମ୍ବିଧାନ ପୀଠ, (୮୫ତମ) ସମ୍ବିଧାନ ସଂଶୋଧନ ଧାରା, ୨୦୦୧ କୁ ସମର୍ଥନ କରି, ରାଜ୍ୟ ଏସ୍.ସି/ଏସ୍.ଟି ବର୍ଗକୁ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ଦେବାକୁ ବାଧ ନୁହେଁ ବୋଲି କହିଛନ୍ତି ।

ଯାହାହେଉ, ଏଭଳି ଅନୁଷ୍ଠିତ ହେଲା/କୁହାଗଲା ଯେ ଯଦି ସେମାନେ ନିଜର ବିବେକ/ବିବେଚନାକୁ ପ୍ରୟୋଗ କରିବାକୁ ଏବଂ ଏହିପରି ବ୍ୟବସ୍ଥା କରିବାକୁ ଇଚ୍ଛା କରିବେ, ତେବେ ସମ୍ବିଧାନର ଧାରା ୩୩୫କୁ ଅନୁପାଳନ କରିବା ସହ ସର୍ବସାଧାରଣ କର୍ମ ନିୟୋଜନରେ ବର୍ଗର ପଛୁଆପଣ ଏବଂ ବର୍ଗର ପ୍ରତିନିଧିତ୍ୱର ସ୍ୱଳ୍ପତା ଦେଖାଇ ରାଜ୍ୟକୁ ପରିମେୟ ତଥ୍ୟ ସଂଗ୍ରହ କରିବାକୁ ପଡ଼ିବ । ପୁନଶ୍ଚ ଏହା ସ୍ପଷ୍ଟୀକରଣ କରାଯାଇଛି ଯେ ଯଦିଓ ରାଜ୍ୟ ନିକଟରେ ବାଧତାମୂଳକ କାରଣ ଥାଏ, ତେବେ ସଂରକ୍ଷଣ ସୁବିଧା ଅତ୍ୟଧିକତା ଦିଗକୁ ଯେପରି ଗତି ନ କରେ, ତାହା ରାଜ୍ୟକୁ ଦୃଷ୍ଟିରେ ରଖିବାକୁ ହେବ ଯଦ୍ୱାରା କି ୫୦% ସୀମା (ସିଲିଙ୍ଗ୍) ଉଲଙ୍ଘନ/ଭଙ୍ଗବା ଉତ୍କୃଷ୍ଟ ସ୍ତର (କ୍ରିମି ଲେୟର) ର ସମାପ୍ତି/ବିଲୁପ୍ତି ବା ସଂରକ୍ଷଣ ଅସୀମ/ଅନିଶ୍ଚିତକାଳ ପର୍ଯ୍ୟନ୍ତ

ସଂପ୍ରସାରଣ ନ ହୁଏ । ବୀରପାଲ୍ ସିଂ ଚୌହାନ୍ ମାମଲାର ଶୁଣାଣୀରେ ଏହି ନ୍ୟାୟାଳୟରେ ଏହି ମତବ୍ୟକ୍ତ ହୋଇଥିଲା ଯେ ସଂରକ୍ଷଣ ଦ୍ୱାରା ପଦୋନ୍ନତି ପାଇଥିବା ପ୍ରାର୍ଥୀମାନେ ପଦୋନ୍ନତି ପାଇଥିବା ପଦବୀରେ ବରିଷ୍ଠତା ନିମନ୍ତେ ଯୋଗ୍ୟ ନୁହେଁ ଏବଂ ଯଦି ସାଧାରଣ ବର୍ଗର ପ୍ରାର୍ଥୀ ସେହି ପଦବୀକୁ ପହଞ୍ଚେ, ତେବେ ସେ ସଂରକ୍ଷିତ ଖାଲି ପଦବୀକୁ ପଦୋନ୍ନତି ପାଇଥିବା ବ୍ୟକ୍ତିମାନଙ୍କ ଠାରୁ ବରିଷ୍ଠ ବୋଲି ଅଧିକୃତ ହେବ । ପରବର୍ତ୍ତୀ କାଳରେ ଜଗଦୀଶଲାଲ ଏବଂ ଓଗେର୍ ବନାମ ହରିୟାନା ରାଜ୍ୟ ସରକାର ଏବଂ ଓଗେର୍ ମାମଲାରେ ଏହି ନ୍ୟାୟାଳୟର ଏକ ତିନି ଜଣିଆ ବିଚାରପତିଯୁକ୍ତ ଖଣ୍ଡପୀଠ ଏହି ବିବୃତି ଦେଇଛନ୍ତି ଯେ ସଂରକ୍ଷଣ ଦ୍ୱାରା ପଦୋନ୍ନୀତ ବର୍ଗର ପ୍ରାର୍ଥୀମାନେ ପଦୋନ୍ନତି ପଦବୀରେ ବରିଷ୍ଠତା ପ୍ରାପ୍ତ କରିବା ପାଇଁ ଅଧିକୃତ, ଏବଂ ଫିଡ଼ର୍ କ୍ୟାଡ଼ର ଅନୁସାରେ ନୁହେଁ । ପରବର୍ତ୍ତୀ କାଳରେ ଅଜିତ୍ ସିଂ ଏବଂ ଓଗେର (II) ବନାମ ପଞ୍ଜାବ ରାଜ୍ୟ ସରକାର ଏବଂ ଓଗେର[୪] ରେ ଏହି ନ୍ୟାୟାଳୟର ଏକ ସମ୍ବିଧାନିକ ଖଣ୍ଡପୀଠ ଜଗଦୀଶ ଲାଲ[୩] ମାମଲାରେଦିଆଯାଇଥିବା ରାୟକୁ ଖଣ୍ଡନ କଲେ ଏବଂ ଏକ ନୀତି ଯଥା "କ୍ୟାଚ୍ ଅପ୍ ରୁଲ୍" ଯାହାକି ବୀରପାଲ୍ ସିଂ ଚୌହାନ୍‌ଙ୍କ ମାମଲାର ରାୟରେ ଉଲ୍ଲେଖ କରାଯାଇଥିବା ନୀତି ଯଥା "କ୍ୟାଚ୍ ଅପ୍ ରୁଲ୍" କୁ ସମର୍ଥନ କଲେ/ବଜାୟ ରଖିଲେ ।

୫- ବୀରପାଲ ସିଂ ଚୌହାନ୍ ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ପ୍ରସ୍ତୁତ "କ୍ୟାଚ୍ ଅପ୍ ରୁଲ୍" ଅନୁସାରେ, ଯାହାକି ପରବର୍ତ୍ତୀ କାଳରେ ଅଜିତ୍ ସିଂ[୨] ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ଅନୁମୋଦିତ, ଓ ଏ.ଏସ୍-୧ (ଜେ.ଡ଼ି. କ୍ୟାଡ଼ର) ଅଫିସରଙ୍କ ତା୧୬.୦୫.୨୦୦୧ରିଖର ବରିଷ୍ଠତା ଅନୁକ୍ରମ ତାଲିକା ପ୍ରସ୍ତୁତ କରାଯାଇଛି । ଏହି ତାଲିକାରେ, ତଫସିଲ୍‌ଭୁକ୍ତ ଅନୁସୂଚିତବର୍ଗ ଜାତିର ରୋଷ୍ଟର ପଏଣ୍ଟ୍ ପଦୋନ୍ନୀତ ବ୍ୟକ୍ତିମାନଙ୍କୁ, ଯେଉଁମାନେ ଫିଡ଼ର୍ କ୍ୟାଡ଼ରରେ ମୂଳ ବରିଷ୍ଠତା ସତ୍ତ୍ୱେ ସଂରକ୍ଷିତ ଖାଲି ଥିବା ଓ.ଏ.ଏସ୍-୧(ଜେ.ବି) ପଦବୀକୁ ପୂର୍ବରୁ ପଦୋନ୍ନୀତ ହୋଇଥିଲେ, ବର୍ତ୍ତମାନର ଉତ୍ତରଦାତା-ଆବେଦନକାରୀମାନଙ୍କର ନିମ୍ନରେ ରଖାଯାଇଥିଲା ଏହା ବିବାଦୀୟ ନୁହେଁ ସମ୍ବିଧାନର ଧାରା ୧୬(୪କ)୧୬(୪ଏ) ସଂଶୋଧନ କରି ହୋଇଥିବା ୮୫ତମ ସମ୍ବିଧାନିକ ସଂଶୋଧନ ପରେ ରାଜ୍ୟ ସରକାର ସଂରକ୍ଷିତ ଖାଲି ପଦବୀକୁ ପଦୋନ୍ନୀତ ହୋଇଥିବା ତଫସିଲ୍‌ଭୁକ୍ତ ଅନୁସୂଚିତଜାତିବର୍ଗର(ଏସ୍.ସି/ଏସ୍.ଟି) ଅଧିକାରୀ

(ଅଫିସର) ମାନଙ୍କ ନିମନ୍ତେ କୌଣସି ବରିଷ୍ଠତା ଲାଭ କରିବା ପାଇଁ ନା କୌଣସି କାର୍ଯ୍ୟକାରୀ ଆଦେଶ ଦେଇଛନ୍ତି ନା କୌଣସି ଆଇନ୍ ପ୍ରଣୟନ କରିଛନ୍ତି । ଭାରତ/କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶକୁ ସୂଚିତ କରି ଓଡ଼ିଶା ସରକାର ସଂରକ୍ଷଣ ନିୟମ ଅନୁସାରେ ପଦୋନ୍ନତି ସମୟରେ ତଫସିଲଭୁକ୍ତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି(ଏସ୍.ସି ଏବଂ ଏସ୍.ଟି) ସରକାରୀ କର୍ମଚାରୀମାନଙ୍କ ବରିଷ୍ଠତା ଲାଭ ପ୍ରଦାନ କରିବାକୁ ସମସ୍ତ ସରକାରୀ ବିଭାଗକୁ ନିର୍ଦ୍ଦେଶ ଦେଇ ତା୨୦.୦୩.୨୦୦୨ରିଖରେ ଏକ ସଂକଳ୍ପ ନିର୍ଦ୍ଧାରଣ କଲେ । ସରକାରଙ୍କ ଏହି ତା୨୦.୦୩.୨୦୦୨ରିଖର ନିର୍ଦ୍ଧାରଣ (ରେଜୋଲ୍ୟୁସନ୍) ଅନୁଯାୟୀ ଉତ୍ତରଦାତା-ଆବେଦନକାରୀମାନଙ୍କ ବରିଷ୍ଠତାକୁ ପରିବର୍ତ୍ତନ କରି ତା୧୬.୦୫.୨୦୦୧ରିଖ ତାଲିକା ବିପରୀତେ ତା୦୩.୦୩.୨୦୦୮ରିଖ ଅନୁକ୍ରମ ତାଲିକା ପ୍ରସ୍ତୁତ କରାଗଲା ।

୬- ପ୍ରଥମତଃ, ଏକ ଓ.ଏ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ୍‌ରେ ଉତ୍ତରଦାତା-ଆବେଦନକାରୀ ଦାଖଲ କରିଥିଲେ କିନ୍ତୁ ଏହାକୁ ସମୟ ପୁର୍ବରୁ ଦାଖଲ ହୋଇଥିବା କାରଣ ଦର୍ଶାଇ ଖାରଜ କରାଯାଇଥିଲା । ତତ୍‌ପରେ, ଟ୍ରାବ୍ୟୁନାଲ୍‌ର ଆଦେଶକୁ ପ୍ରଶ୍ନ କରି ଉତ୍ତରଦାତା-ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିଲେ ଏବଂ ସରକାରଙ୍କ ନିର୍ଦ୍ଧାରଣ/ସଂକଳ୍ପ ଏବଂ ପରିଣାମସ୍ୱରୂପ ଅନୁକ୍ରମ ତାଲିକାକୁ ଖାରଜ/ରଦ୍ଦ କରିବା ପାଇଁ ପୁନଶ୍ଚ ପ୍ରାର୍ଥନା କରିଥିଲେ ।ସେହି ଲିଖିତ ଆବେଦନପତ୍ରକୁ ଏକତ୍ରିତ ଭାବେ କେତେଗୁଡ଼ିଏ ମାମଲାରେ ଏକ ସାଧାରଣ ଆଦେଶ ଦେଇ ଉଚ୍ଚ ନ୍ୟାୟାଳୟ ଏହି କାରଣରୁ ଗ୍ରହଣ କରିଥିଲେ ଯେ ସରକାରଙ୍କ ତା୨୦.୦୩.୨୦୦୨ରିଖର ନିର୍ଦ୍ଧାରଣ/ସଂକଳ୍ପକୁ ଧାରା ୧୬(୪କ) (16/4A) ଅଧୀନରେ ରାଜ୍ୟକୁ ଶକ୍ତିକ୍ଷମ କରିବା ଦିଗରେ ନା କୌଣସି ଆଇନ୍ ରୂପେ ଗ୍ରହଣ କରାଯିବ ନା ଏହି ନ୍ୟାୟାଳୟ ଦ୍ୱାରା ସ୍ଥିର କରାଯାଇଥିବା/ନିର୍ଦ୍ଧାରିତ ମାପଦଣ୍ଡ ବା ପରିମାପକୁ ଏହା ସନ୍ତୁଷ୍ଟ/ପୂରଣ କରୁଛି । ଉଚ୍ଚ ନ୍ୟାୟାଳୟ ପୁନଶ୍ଚ କହିଛନ୍ତି ଯେ ଏପରି ସଂକଳ୍ପ/ନିର୍ଦ୍ଧାରଣ ନିମନ୍ତେ କୌଣସି ଆଇନସଙ୍ଗତ ଭିତ୍ତି ନାହିଁ ଏବଂ ତଦନୁସାରେ ସରକାରୀ ନିର୍ଦ୍ଧାରଣ/ସଂକଳ୍ପ (ରେଜୋଲ୍ୟୁସନ୍) କୁ ଏବଂ ପରିଣାମ ସ୍ୱରୂପ ଅନୁକ୍ରମ ତାଲିକା (ଗ୍ରେଡ଼େସନ୍ ଲିଷ୍ଟ) କୁ ଖାରଜ/ରଦ୍ଦ କଲେ ।

୭- ଆମ୍ଭେ ଶ୍ରୀ ଏ. ସୁବା ରାଓ ଯେକି ଆବେଦନକାରୀମାନଙ୍କ ପକ୍ଷର ଓକିଲ, ରାଜ୍ୟ ସରକାରୀ ଓକିଲ ତଥା ଆବେଦନକାରୀମାନଙ୍କ ମଧ୍ୟରୁ ଜଣଙ୍କୁ ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କ ବୟାନ୍ ଶୁଣିଲୁ ।

୮- ଆବେଦନକାରୀ ପକ୍ଷଙ୍କ ଓକିଲ ଶ୍ରୀ ସୁବାରାଓ ମୁଖ୍ୟତଃ କରିଛନ୍ତି ଯେ ଏମ୍.ନାଗରାଜଙ୍କ ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ରାୟ ଅନୁସାରେ ଏହି ନ୍ୟାୟାଳୟ ୮୫ ତମ ସାମ୍ବିଧାନିକ ସଂଶୋଧନ ଅନୁସାରେ ସଂଶୋଧିତ ଧାରା ୧୬ (୪କ) (16/4A) କୁ ସମର୍ଥନ କରିଛନ୍ତି ଏବଂ କହିଛନ୍ତି ଯେ ରାଜ୍ୟ ସରକାର ସବୁବେଳେ ନିଜର କାର୍ଯ୍ୟକାରୀ ଆଦେଶବଳରେ ହେଉ ଅବା ଆଇନ୍ ପ୍ରଣୟନ କରି ହେଉ ପରିଣାମ ସ୍ୱରୂପ ବରିଷ୍ଠତା ସହ ସଂରକ୍ଷଣ ଲାଭ ପ୍ରଦାନ କରିପାରିବେ । ଯେତେବେଳେ ସରକାର ନିଜର ତା୨୦.୦୩.୨୦୦୨ରିଖ ସଂକଳ୍ପ ମାଧ୍ୟମରେ ନିଷ୍ପତ୍ତି ନେଇଛନ୍ତି, ଉଚ୍ଚ ନ୍ୟାୟାଳୟ ବିନା କୌଣସି ବୈଧ, ଆଇନଯୁକ୍ତ କାରଣ ଦର୍ଶାଇ ଏହାକୁ ଖାରଜ/ରଦ୍ଦ କରିଛନ୍ତି । ପୁନଶ୍ଚ ଏହା ଉପସ୍ଥାପନ କରିଛନ୍ତି ଯେ ଓଡ଼ିଶା ଅଧିନିୟମ ୩୮,୧୯୭୫, ଯଥା ଓଡ଼ିଶା ଖାଲି ପଦବୀ ଏବଂ ସେବା ସଂରକ୍ଷଣ (ତଫସିଲ୍‌ଭୁକ୍ତ/ଅନୁସୂଚିତ ଜାତି ଓ ଜନଜାତି ନିମିତ୍ତ) ଅଧିନିୟମ, ୧୯୭୫ ରାଜ୍ୟରେ ବଳବତ୍ତର ଅଛି ଏବଂ ଉକ୍ତ ଅଧିନିୟମ ଅନୁସାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି(ଏସ୍.ସି ଏବଂ ଏସ୍.ଟି) ମାନଙ୍କୁ ସଂରକ୍ଷଣ ଏପରି କି ପଦୋନ୍ନତି କ୍ଷେତ୍ରରେ ମଧ୍ୟ ଲାଭ ପ୍ରଦାନ କରାଯାଇଛି । ଉକ୍ତ ଅଧିନିୟମର ଧାରା ୧୦ ଉପରେ ଆସ୍ଥା ଦେଇ ନିଜର ବକ୍ତବ୍ୟ/ଉପସ୍ଥାପନକୁ ଦୃଢତା ଦେଇ କହିଛନ୍ତି ଯେ ଉକ୍ତ ଧାରା ଅନୁସାରେ ପଦୋନ୍ନୀତ ଏସ୍.ସି ଏବଂ ଏସ୍.ଟି ପ୍ରାର୍ଥୀମାନେ ବରିଷ୍ଠତା ଲାଭ ପ୍ରାପ୍ତ କରିବା ପାଇଁ ଉପଯୁକ୍ତ/ଅଧିକାରୀ ଅଟନ୍ତି ।

୯- ରାଜ୍ୟ ତରଫରୁ ସରକାରୀ ଓକିଲ ପ୍ରାଞ୍ଜଳ ଭାବେ ଯୁକ୍ତି ବାଢ଼ିଛନ୍ତି ଯେ ୮୫ତମ ସାମ୍ବିଧାନିକ ସଂଶୋଧନ ଦ୍ୱାରା ଧାରା ୧୬(୪କ)(16/4A)ସଂଶୋଧନ ପରେ ପରିଣାମ ସ୍ୱରୂପ ବରିଷ୍ଠତା ପ୍ରଦାନ କରି କୌଣସି ସଂରକ୍ଷଣର ଲାଭ ପ୍ରଦାନ କରି ସଂରକ୍ଷିତ ଖାଲି ପଦବୀ ଗୁଡ଼ିକୁ, ପଦୋନ୍ନତି ଦେଇ, ପୂରଣ କରିବା ଦିଗରେ ରାଜ୍ୟରେ ନା କୌଣସି ଆଇନ୍ ପ୍ରଣୟନ କରାଯାଇଛି ନା ସରକାରଙ୍କ ଦ୍ୱାରା କୌଣସି କାର୍ଯ୍ୟକାରୀ ଆଦେଶ ଦିଆଯାଇଛି ।

୧୦- ଉଭୟପକ୍ଷଙ୍କ ଓକିଲଙ୍କୁ ଶୁଣିବା ପରେ ଆମ୍ଭେ ଦିଆଯାଇଥିବା ଆଦେଶ ତଥା ଅନ୍ୟାନ୍ୟ ଦଲିଲ୍‌କୁ ତର୍ଜମା କରିଛୁ ।

୧୧- ଦଲିଲରେ ଉପସ୍ଥାପିତ କରାଯାଇଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ସାଧାରଣ ବର୍ଗର ଅଧିକାରୀମାନଙ୍କର ବରିଷ୍ଠତା ତା୧୬.୦୫.୨୦୦୧ରିଖରେ ପ୍ରସ୍ତୁତ କରାଯାଇଥିବା ଓ.ଏ.ଏସ୍-୧(ଜେ.ବି.) ର ଅନୁକ୍ରମ ତାଲିକା (ଗେଡ଼େସନ୍ ଲିଷ୍ଟ୍) ରେ ପୁନର୍ସ୍ଥାପିତ (ରେଷ୍ଟୋଡ୍) ହୋଇଥିଲା ଯାହାକି ବୀରପାଲ ସିଂ ଚୌହାନ୍[୨] ମାମଲାରେ ବିକଶିତ ହୋଇଥିବା ଓ ପରବର୍ତ୍ତୀକାଳରେ ଅଜିତ୍ ସିଂ[୪] ମାମଲାରେ ଗୃହୀତ ହୋଇଥିବା "କ୍ୟାଚ୍ ଅପ୍ ରୁଲ୍" ବଳରେ ସୁବିଧା/ଲାଭ ଦ୍ୱାରା କରାଯାଇଥିଲା । ୮୫ତମ ସାମ୍ବିଧାନିକ ନିୟମଧାରା, ୨୦୦୧ ଲାଗୁ ହେବା ପରେ ଧାରା ୧୬(୪କ)ନିମ୍ନ ଅନୁସାରେ ଦିଆଗଲା :

୧୬- ସର୍ବସାଧାରଣ କର୍ମନିଯୁକ୍ତି କ୍ଷେତ୍ରରେ ସୁଯୋଗ ସୁବିଧାର ସମାନତା-

(୧)

(୨)---------

(୩)---------

(୪)---------

(୪କ) ରାଜ୍ୟ ସରକାରଙ୍କ ମତରେ ଅନୁସୂଚିତ ଜାତି ବା ଅନୁସୂଚିତ ଜନଜାତିମାନଙ୍କ ସପକ୍ଷରେ ରାଜ୍ୟ ସରକାର ଅଧିନସ୍ଥ ସେବା ଗୁଡ଼ିକରେ ଥିବା ପଦବୀ ଗୁଡ଼ିକର ଯେ କୌଣସି ଶ୍ରେଣୀ ବା ଶ୍ରେଣୀଗୁଡ଼ିକ ଯାହା ରାଜ୍ୟସରକାର ଅଧିନସ୍ଥ ସେବାଗୁଡ଼ିକରେ ସଠିକ୍ ଭାବରେ ପ୍ରତିନିଧିତ୍ୱ ହୋଇନାହିଁ, ସେହି କ୍ଷେତ୍ରରେ ଏହି ଧାରା ରାଜ୍ୟ ସରକାରଙ୍କୁ ପରିଣାମସ୍ୱରୂପ ବରିଷ୍ଠତା ସହ ପଦୋନ୍ନତି ଦେବା କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦେବାରୁ ବଞ୍ଚିତ କରିବ ନାହିଁ ।

ଉପରୋକ୍ତ ସାମ୍ବିଧାନିକ ସଂଶୋଧନ ବ୍ୟବସ୍ଥା ଏହା ସ୍ପଷ୍ଟ କରେ ଯେ ରାଜ୍ୟସରକାରଙ୍କ ମତରେ, ଯଦି ଅନୁସୂଚିତ ଜାତି ଏବଂ ଜନଜାତିମାନେ ପର୍ଯ୍ୟାପ୍ତ ଭାବେ ପ୍ରତିନିଧିତ୍ୱ ହୁଅନ୍ତି ନାହିଁ, ତେବେ ଯେ କୌଣସି ଶ୍ରେଣୀକୁ ପରିଣାମସ୍ୱରୂପ ବରିଷ୍ଠତା ସହ ପଦନ୍ନୋତି ଦେବା କ୍ଷେତ୍ରରେ ସଂରକ୍ଷଣ ସୁବିଧା/ବ୍ୟବସ୍ଥା କରିବା ପାଇଁ ରାଜ୍ୟ କ୍ଷମତାପ୍ରାପ୍ତ ଆଟେ । ଯେତେବେଳେ ଏହି ସାମ୍ବିଧାନିକ ସଂଶୋଧନର ବୈଧତା

ଉପରେ ପ୍ରଶ୍ନ କରାଗଲା/ଉଠାଗଲା, ଏମ୍.ନାଗରାଜ[୧] ମାମଲାରେ ନ୍ୟାୟାଳୟ ଏହାକୁ ସମର୍ଥନ କରିଥିଲେ/ବଜାୟ ରଖିଥିଲେ । ଉପରୋକ୍ତ ବିଚାର/ରାୟ ଅନୁସାରେ, ଏହି ନ୍ୟାୟାଳୟର ଏକ ସମ୍ବିଧାନ ବିଚାରପୀଠ (ବେଞ୍ଚ) କହିଛନ୍ତି ଯେ ପଦୋନ୍ନତି ପ୍ରସଙ୍ଗରେ ଏସ୍.ସି/ଏସ୍.ଟି ଙ୍କ ପାଇଁ ସଂରକ୍ଷଣ କରିବାକୁ ରାଜ୍ୟ ବାଧ ନୁହେଁ । ଯଦି ସେମାନେ ନିଜର ବିବେକ ପ୍ରୟୋଗପୂର୍ବକ ପଦୋନ୍ନତିରେ ସଂରକ୍ଷଣ କରିବାକୁ ଇଚ୍ଛୁକ, ତେବେ ଭାରତୀୟ ସମ୍ବିଧାନରେ ଧାରା ୩୩୫ ରେ ଦର୍ଶାଯାଇଥିବା ଦକ୍ଷତାର ରକ୍ଷଣାବେକ୍ଷଣକୁ ଦୃଷ୍ଟିରେ ରଖି, ସର୍ବସାଧାରଣ ନିଯୁକ୍ତି କ୍ଷେତ୍ରରେ ସେହି ଶ୍ରେଣୀର ପ୍ରତିନିଧିତ୍ୱର ଅପର୍ଯ୍ୟାପ୍ତତା/ସ୍ୱଳ୍ପତା ଏବଂ ଅନଗ୍ରସରତା/ପଛୁଆପଣକୁ ଦର୍ଶାଇ ରାଜ୍ୟମାନଙ୍କୁ ପରିମେୟ ତଥ୍ୟ ସଂଗ୍ରହ କରିବାକୁ ପଡ଼ିବ । ପୁନଶ୍ଚ କୁହାଯାଇଛି ଏହି କାର୍ଯ୍ୟ ତଥ୍ୟର ଉପଲବ୍ଧତା ଉପରେ ନିର୍ଭର କରେ । ସୂରଜ ଭାନ୍ ମୀନା ଏବଂ ଅନ୍ୟ ବନାମ୍ ରାଜସ୍ଥାନ ରାଜ୍ୟ ଏବଂ ଓଗେର[୪] ମାମଲାରେ ଏହି ନ୍ୟାୟାଳୟର ଏକ ଦୁଇ ଜଣିଆ ବିଚାରକ ମଣ୍ଡଳୀ ପରିଣାମ ସ୍ୱରୂପ ବରିଷ୍ଠତା ସହିତ ଏସ୍.ସି/ଏସ୍.ଟି ସଦସ୍ୟ ମାନଙ୍କର ପଦୋନ୍ନତି ଦିଆଯାଇ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଗୁଡ଼ିକର ବୈଧତାକୁ ବିଚାର କରିଛନ୍ତି । ବରିଷ୍ଠତା ପ୍ରଦାନ ସହ ସଂରକ୍ଷଣର ସୁବିଧା ଦେଇ ବିଜ୍ଞପ୍ତି ଜାରି କରିବା ପାଇଁ ପରିମେୟ ତଥ୍ୟ ସଂଗ୍ରହର ଆବଶ୍ୟକତା ଏବଂ ଏସ୍.ସି/ଏସ୍.ଟି ସଦସ୍ୟମାନଙ୍କର ପ୍ରତିନିଧିତ୍ୱର ସ୍ୱଳ୍ପତା/ଅପର୍ଯ୍ୟାପ୍ତତା ନିଶ୍ଚୟ/ନିରୂପଣ କରିବା ଏକ ଦୃଷ୍ଟାନ୍ତମୂଳକ ସର୍ତ୍ତ ଅଟେ ବୋଲି ଏହି ନ୍ୟାୟାଳୟ ଉପରୋକ୍ତ ବିଚାର/ରାୟରେ ମତପ୍ରକାଶ କରିଛନ୍ତି । ଉପରନ୍ତୁ/ଅଧିକନ୍ତୁ ବି.କେ. ପବିତ୍ର ଏବଂ ଓଗେର ବନାମ କେନ୍ଦ୍ର ସରକାର ଏବଂ ଓଗେର[୬] ମାମଲାରେ ଏହି ନ୍ୟାୟାଳୟ ରାୟ ଦେଇଚନ୍ତି ଯେ ଧାରା ୧୬ (୪କ) ଅନ୍ତର୍ଗତ କ୍ଷମତା କାର୍ଯ୍ୟକାରୀ କରିବା ପାଇଁ ପ୍ରତିନିଧିତ୍ୱର ସ୍ୱଳ୍ପତା/ଅପ୍ରଚୁରତା, 'ପଛୁଆପଣ/ଅନଗ୍ରସରତା' ଏବଂ 'ସାମଗ୍ରିକ ଦକ୍ଷତା' ପ୍ରତିପାଦନ କରିବା ବାଧତାମୂଳକ ଅଟେ । ଏହି ମାମଲାରେ ପୁନଶ୍ଚ କୁହାଯାଇଛି ଯେ କେବଳ ସଂରକ୍ଷିତ ବର୍ଗର ପ୍ରର୍ଥୀମାନଙ୍କର ପଦୋନ୍ନତି କ୍ଷେତ୍ରରେ ଯଥାନୁପାତିକ ପ୍ରତିନିଧିତ୍ୱ/ନିବେଦନପତ୍ର ନଥିବା କାରଣ କନିଷ୍ଠ ଥିବା ପଦୋନ୍ନୀତ ପ୍ରାର୍ଥୀମାନଙ୍କୁ ବରିଷ୍ଠତା ପ୍ରଦାନ କରିବା ସୁବିଧା ଦେବା ପାଇଁ ପର୍ଯ୍ୟାପ୍ତ ନୁହେଁ । ଏହା ଧରାଯାଇଛି ଯେ ଏହିପରି ବାଧତାମୂଳକ କାର୍ଯ୍ୟାନୁଷ୍ଠାନ/ପ୍ରୟୋଗ ର ଅନୁପସ୍ଥିତିରେ "କ୍ୟାଚ୍ ଅପ୍ ରୂଲ୍"

ପୂର୍ଣ୍ଣତଃ ପ୍ରଯୁଜ୍ୟ/ଉପଯୁକ୍ତ ଅଟେ । ଜର୍ନେଲ୍ ସିଂ ଏବଂ ଓଗେର ବନାମ୍ ଲଚ୍ଛମୀ ନାରାୟଣ ଗୁପ୍ତା ଏବଂ ଓଗେର[୬] ରେ ଏକ ପ୍ରସଙ୍ଗର ପ୍ରତ୍ୟୁତ୍ତରରେ ଏହି ନ୍ୟାୟାଳୟର ଏକ ସମ୍ବିଧାନ ବୈଠକ/ବେଞ୍ଚ୍ କହିଛନ୍ତି ଯେ ଏମ୍.ନାଗରାଜ[୧] ମାମଲାରେ ଦିଆଯାଇଥିବା ବିଚାର/ରାୟକୁ ଏକ ସାତଜଣିଆ ବିଚାରକମଣ୍ଡଳୀକୁ ଦର୍ଶାଇ ପୁର୍ନସମୀକ୍ଷାର ଆବଶ୍ୟକ ନାହିଁ । ଏଥିସହ ଏମ୍.ନାଗରାଜ[୧] ମାମଲାର ଶେଷ ନିର୍ଣ୍ଣୟରେ ରାଜ୍ୟକୁ ଅନୁସୂଚିତ ଜାତି ଓ ଜନଜାତିଙ୍କ ପଛୁଆବର୍ଗ ହେବା ଦର୍ଶାଇ ପରିମେୟ ତଥ୍ୟ ସଂଗ୍ରହ କରିବାକୁ ହେବା କଥାକୁ ଅବୈଧ ବୋଲି ଧରାଗଲା ଏହି ପରିପ୍ରେକ୍ଷୀରେ ଯେ ଇନ୍ଦ୍ର ସାହାନୀ ଏବଂ ଓଗେର ବନାମ କେନ୍ଦ ସରକାର ଏବଂ ଓଗେର[୮] ନାମକ ଅନ୍ୟ ଏକ ମାମଲାରେ ଏହି ନ୍ୟାୟାଳୟର ୯ ଜଣିଆ ବିଚାରପତିଙ୍କୁ ନେଇ ଗଠିତ ବିଚାରପୀଠ ଦ୍ୱାରା ଦିଆଯାଇଥିବା ରାୟର ବିପରୀତ ଅଟେ । ଆହୁରି ମଧ୍ୟ ଏହି ରାୟରେ କୁହାଯାଇଛି ଯେ ଧାରା ୧୬ (୪କ) ଏପରି ଭାବେ କରାଯାଛି ଯେ ଏହା ପଦୋନ୍ନତି ପାଇଁ ଥିବା ପଦବୀ ଉପରେ ନିର୍ଭର କରି ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ସ୍ଥିର କରିବାକୁ ରାଜ୍ୟ ଉପରେ ଛାଡ଼ି ଦେଇଛି । ପୁନଶ୍ଚ ବି. କେ. ପବିତ୍ର ଏବଂ ଓଗେର୍ ବନାମ୍ କେନ୍ଦ୍ର ସରକାର ଏବଂ ଓଗେର[୯] ମାମଲାରେ ସଂରକ୍ଷଣ (ରାଜ୍ୟର ସିଭିଲ୍ ସେବାମାନଙ୍କରେ ଥିବା ପଦବୀ ଗୁଡ଼ିକୁ ଧାରା, ୨୦୦୨ ଅନୁଯାୟୀ କର୍ଣ୍ଣାଟକର ପଦୋନ୍ନତି ପାଇଥିବା ସରକାରୀ କର୍ମଚାରୀ ମାନଙ୍କର ବରିଷ୍ଠତା ନିର୍ଣ୍ଣୟ କରିବା ବୈଧତାକୁ ବିଚାର କରି ଏହାକୁ ଏହି କାରଣରୁ ସମର୍ଥନ/ଗ୍ରହଣ କରିଛନ୍ତି ଯେ ପ୍ରତିନିଧିତ୍ୱ/ନିବେଦନପତ୍ରର ସ୍ୱଳ୍ପତା/ଅପର୍ଯ୍ୟପ୍ତତା ଏବଂ ସାମଗ୍ରିକ ପ୍ରଶାସନିକ ଦକ୍ଷତା ଉପରେ ଅଧ୍ୟୟନ କରି ଏହି ଧାରା ପ୍ରଣୟନ କରାଯାଇଥିଲା ।

୧୨- ଉପରୋକ୍ତ ରାୟ ମାନଙ୍କୁ ଦୃଷ୍ଟିରେ ରଖି, ଏହି କ୍ଷେତ୍ରରେ, ଏହା ଦୃଷ୍ଟିଗୋଚର ହେଉଛି ଯେ ସମ୍ବିଧାନର (୮୫ତମ) ସଂଶୋଧନ ଅଧିନିୟମ,୨୦୦୧ ପରେ ସମ୍ବିଧାନରେ ସଂଶୋଧିତ ଧାରା ୧୬(୪କ) ରାଜ୍ୟକୁ ଏହାର ସେବାକାର୍ଯ୍ୟ ମାନଙ୍କରେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ପ୍ରତିନିଧିତ୍ୱ/ନିବେଦନପତ୍ରର ପର୍ଯ୍ୟାପ୍ତତାକୁ ପରୀକ୍ଷା କରି ବରିଷ୍ଠତା ସହ ପଦୋନ୍ନତି ଦେବା ପାଇଁ ସକ୍ଷମ କରିଥିବା ସ୍ଥଳରେ ଓଡ଼ିଶା ରାଜ୍ୟ ସରକାର ପ୍ରଥମ ଶ୍ରେଣୀ ସେବା ଗୁଡ଼ିକରେ ଆଇନ ପ୍ରଣୟନ ଦ୍ୱାରା ହେଉ କିମ୍ବା କାର୍ଯ୍ୟକାରୀ ଆଦେଶ ଦ୍ୱାରା ହେଉ, ଏହି ଲାଭ ପ୍ରଦାନ ପାଇଁ କୌଣସି ବ୍ୟବସ୍ଥା କରି

ନାହାନ୍ତି, ସରକାରୀ ଓକିଲ ବିନିର୍ଦ୍ଦିଷ୍ଟ ଭାବେ ସ୍ୱୀକାର କରିଛନ୍ତି ଯେ ସରକାର ନା କୌଣସି ଆଇନ୍ ପ୍ରଣୟନ କରିଛନ୍ତି । ସରକାରଙ୍କ ତା୨୦.୦୩.୨୦୦୨ରିଖର ସଂକଳ୍ପ/ନିର୍ଦ୍ଧାରଣ କେବଳ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଉପରେ ଆଧାରିତ, ପଦବୀମାନଙ୍କରେ ପ୍ରତିନିଧିତ୍ୱ/ନିବେଦନପତ୍ରର ପର୍ଯ୍ୟାପ୍ତତା ପରୀକ୍ଷା କରାଯାଇନାହିଁ । ଉଚ୍ଚ ନ୍ୟାୟାଳୟର ଆଦେଶରୁ ଏହା ପ୍ରମାଣିତ/ଦୃଷ୍ଟ ଯେ, ରାଜ୍ୟ ଏହାର ପ୍ରତ୍ୟୁତ୍ତର (କାଉଣ୍ଟର ଆଫିଡ଼ାଭିଟ୍) ରେ ଦୃଢୋକ୍ତି ଦେଇଛନ୍ତି ଯେ ସଂରକ୍ଷିତ ପଦବୀକୁ ପଦୋନ୍ନୀତ ବ୍ୟକ୍ତିମାନଙ୍କୁ ଲାଭ ପ୍ରଦାନ ନିମନ୍ତେ କୌଣସି ଆଇନ୍ ଆଣିବାର ଆବଶ୍ୟକତା ନାହିଁ । ତା୨୦.୦୩.୨୦୦୨ରିଖର ସରକାରୀ ସଂକଳ୍ପ/ନିର୍ଦ୍ଧାରଣ ଧାରା ୧୬ (୪କ) ଅନୁଯାୟୀ ରାଜ୍ୟକୁ ଏହାର କ୍ଷମତା କାର୍ଯ୍ୟକାରୀ କରିବାକୁ ସକ୍ଷମ କରିବାକୁ ନା ଆଇନ୍ ବୋଲି ପରିଗଣିତ ହେବ ନା ଏହି ନ୍ୟାୟାଳୟର ବିଭିନ୍ନ ନିଷ୍ପତ୍ତି ଗୁଡ଼ିକରେ ଦିଆଯାଇଥିବା ବିଭିନ୍ନ ପରିମାପକୁ ପୂରଣ କରିପାରୁଛି । ଏହି ନିର୍ଦ୍ଧାରଣ/ସଂକଳ୍ପରେ କୌଣସି ଆଇନ୍ ଭିତ୍ତିମୂଳକ ନୁହେଁ । ଓ.ଏ.ଏସ୍.-୧ (ଜେ.ବି) ର ତା୧୬.୦୫.୨୦୦୧ ର ବରିଷ୍ଠତା/ଅନୁକ୍ରମ ତାଲିକା ଏହି ନ୍ୟାୟଳୟ ଦ୍ୱାରା ଦିଆଯାଇଥିବା ଅନୁପାତକୁ ଅନୁସରଣ କରି ସଠିକ୍ ଭାବରେ ପ୍ରସ୍ତୁତ କରାଯାଥିଲା । ଫଳସ୍ୱରୂପ ଅତିରିକ୍ତ ବରିଷ୍ଠତା ଲାଭ ପ୍ରଦାନ ପାଇଁ ଗ୍ରହଣୀୟ ତଥ୍ୟ ଉପରେ ଆଧାରିତ କୌଣସି ଆଇନ ବା କାର୍ଯ୍ୟକାରୀ ଆଦେଶ ବଳରେ ନିଷ୍ପତ୍ତିର ଅନୁପସ୍ଥିତିରେ, ତା୦୩.୦୩.୨୦୦୮ରିଖର ତାଲିକାରେ ଥିବା ପଦ/ସ୍ଥିତି ଗୁଡ଼ିକୁ ପରିବର୍ତ୍ତନ କରି ପ୍ରସ୍ତୁତ କରାଯାଇଥିଲା । ଧାରା ୧୬ (୪କ) ଅନୁସାରେ ବାଧତାମୂଳକ ଆବଶ୍ୟକତାଗୁଡ଼ିକୁ ପ୍ରୟୋଗ କରି ଏକ କାର୍ଯ୍ୟକାରୀ ଆଦେଶ ବଳରେ ଲାଭ ପ୍ରଦାନ ପାଇଁ ରାଜ୍ୟକୁ ଅଧିକାର ଦିଆଯିବା ସ୍ଥଳରେ ତା୨୦.୦୩.୨୦୦୨ରିଖର ସଂକଳ୍ପ ପଦୋନ୍ନତି ପଦବୀମାନଙ୍କରେ ପ୍ରତିନିଧିତ୍ୱର ପର୍ଯ୍ୟାପ୍ତତାକୁ ବିନା ଯାଞ୍ଚ କରି କେବଳ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜାରି କରାଯାଇଛି ।

୧୩- ଆହୁରି ମଧ୍ୟ, ଓକିଲ ଶ୍ରୀ ଏ. ସୁବା ରାଓଙ୍କ ଉପସ୍ଥାପନା ଏହିପରି ଯେ ଅନୁସୂଚିତ ଜାତି ଓ ଜନଜାତି ଅଧିକାରୀଙ୍କ ଓ.ଏ.ଏସ୍-୧ ସେବାରେ ପଦୋନ୍ନତିର ସଂରକ୍ଷଣ ସୁବିଧା ଓଡ଼ିଶା ଅଧିନିୟମ ୩୮,୧୯୭୫ର ଧାରା ୧୦ ଅନୁଯାୟୀ ଦିଆଯାଏ, କିନ୍ତୁ ଏହାକୁ କେବଳ ୧୯୭୫ ମସିହାରେ ପ୍ରଣୟନ କରାଯାଇଥିବା କାରଣରୁ ସମର୍ଥନ

କରାଯାଇପାରିବ ନାହିଁ କିନ୍ତୁ ଏହି ଅଧିନିୟମରେ ସଂରକ୍ଷିତ ଖାଲି ପଦବୀକୁ ପଦୋନ୍ନତି ପାଇଥିବା ବ୍ୟକ୍ତି ମାନଙ୍କୁ ବରିଷ୍ଠତା ଲାଭ ପ୍ରଦାନ ଦେବା ବ୍ୟବସ୍ଥା ଆମ ନଜରକୁ ଆସିନାହିଁ । ବରିଷ୍ଠତାର ଲାଭ ପ୍ରଦାନ ପାଇଁ ଉକ୍ତ ଅଧିନିୟମରେ କୌଣସି ବ୍ୟବସ୍ଥାର ଅନୁପସ୍ଥିତିରେ ଏବଂ ୮୫ତମ ସମ୍ବିଧାନ ସଂଶୋଧନ ଅଧିନିୟମ, ୨୦୦୧ ପରେ ଯାହା ଦ୍ୱାରା ଧାରା ୧୬(୪କ) ସଂଶୋଧିତ କରାଯାଇଛି, କୌଣସି ସଂଶୋଧନର ଅନୁପସ୍ଥିତିରେ ଅଧିନିୟମର ଧାରା୧୦ ଉପରେ ନିର୍ଭର କରି ବରିଷ୍ଠତା ଲାଭ ପ୍ରଦାନ କରାଯାଇପାରିବ ନାହିଁ । ରାଜ-ଉତ୍ତରଦାତା (ପ୍ରତିବାଦୀପକ୍ଷ)ଙ୍କ ପ୍ରତ୍ୟୁତ୍ତର (କାଉଣ୍ଟର ଆଫିଡ଼ାଭିଟ୍)ରେ ଥିବା ଯୁକ୍ତି ଏବଂ ଅଧିକନ୍ତୁ ରାଜ୍ୟତରଫର ସରକାରୀ ଓକିଲଙ୍କ ଉପସ୍ଥାପନା ଦୃଷ୍ଟିରୁ ଯେ ରାଜ୍ୟର ଅଧିନିୟମ ଦ୍ୱାରା ବା କୌଣସି କାର୍ଯ୍ୟକାରୀ ଆଦେଶ ଦ୍ୱାରା ସମ୍ବିଧାନର ଧାରା ୧୬(୪କ) ଅନୁଯାୟୀ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ/ନିବେଦନପତ୍ରର ପରୀକ୍ଷା କରି କୌଣସି ବରିଷ୍ଠତା ସୁବିଧା ଯେହେତୁ ପ୍ରଦାନ କରାଯାଇନାହିଁ, ଉଚ୍ଚ ନ୍ୟାୟାଳୟର ଯୁକ୍ତିଯୁକ୍ତ ରାୟରେ ଆମ୍ଭର ଅନ୍ତରାୟ/ହସ୍ତକ୍ଷେପ କରିବା ଠିକ୍ ହେବ ନାହିଁ କାରଣ ଏହି ଅପିଲରେ ଆମ୍ଭେ କୌଣସି ଉତ୍କର୍ଷ/ଯୋଗ୍ୟତା ପାଉନାହୁଁ । ଆବେଦନକାରୀ ମାନଙ୍କର ଓକିଲଙ୍କ ଉପରେ ନିର୍ଭର କରି ଜର୍ଣ୍ଣେଲ୍ ସିଂ[୬] ଙ୍କ ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ରାୟ ମଧ୍ୟ ଅପିଲ୍‌କାରୀଙ୍କ ଏହି ମାମଲାକୁ ଆଗକୁ ନେଇପାରିବ ନାହିଁ । ଉକ୍ତ ବିଚାର/ରାୟରେ ମଧ୍ୟ ପଦବୀ ମାନଙ୍କରେ ବରିଷ୍ଠତା ସହ ପଦୋନ୍ନତି ଲାଭ ପ୍ରଦାନ ପାଇଁ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ/ନିବେଦନପତ୍ରର ଯାଞ୍ଚ କରିବାର ଆବଶ୍ୟକତା ଉପରେ ଏମ୍.ନାଗରାଜ[୧] ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ରାୟ ଅନୁସାରେ ବଜାୟ ରହିଛି । ତେଣୁ କରି, ଉକ୍ତ ବିଚାର/ରାୟ ଆବେଦନକାରୀମାନଙ୍କର ଏହି ମାମଲାରେ କୌଣସି ସହାୟତା ପ୍ରଦାନ କରିବ ନାହିଁ ।

୧୪- ଉପରୋକ୍ତ କାରଣ ଗୁଡ଼ିକ ପାଇଁ ଏହି ଅପିଲ୍/ଆବେଦନ କୁ ଖାରଜ କରାଗଲା ଏଥି ସହ ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ନାହିଁ ।

<u>ସିଭିଲ୍ ଅପିଲ୍ ନଂ-୪୪୨୧/୨୦୧୧</u>

୧୫- ଏହି ଅପିଲ୍ର ଅପିଲ୍କାରୀମାନେ, ଯେଉଁମାନେ ଉଚ୍ଚ ନ୍ୟାୟାଳୟରେ ପକ୍ଷ ନ ଥିଲେ, ସିଭିଲ୍ ଅପିଲ୍ ନଂ୩୨୪୦/୨୦୧୧ ରେ ପ୍ରାର୍ଥନା କରାଯାଇଥିବା ଏକା ପ୍ରକାରର କ୍ଷତିପୂରଣ/ଉପଶମ ଯାଚନା କରିଛନ୍ତି । ତେଣୁ ସିଭିଲ୍ ଅପିଲ୍

ନଂ୩୨୪୦/୨୦୧୧ ଖାରଜ ଅନୁସାରେ ଏହି ଅପିଲ୍ଟି ମଧ୍ୟ ଖାରଜ କରାଗଲା ।

ସ୍ୱାକ୍ଷର- ମୋହନ.ଏମ୍. ଶାନ୍ତନାଗୌଦାର

ସ୍ୱାକ୍ଷର- ଆର୍. ସୁଭାଷ ରେଡ୍ଡି

ନୂଆଦିଲ୍ଲୀ,
ଏପ୍ରିଲ୍ ୧୭, ୨୦୨୦

ଅସ୍ୱୀକାର ପତ୍ର

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜି ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନୁୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "